# REGIONAL NEWS BULLETIN.

## 22th August 2017

## Morning Bulletin : 7.05am.

## କ୍ୟାସ୍‌ଲେସ୍ ଜମି ରେଜିଷ୍ଟ୍ରେସନ୍

ଆସନ୍ତା ସେପ୍ଟେମ୍ବର ପହିଲାରୁ ଜମି ରେଜିଷ୍ଟ୍ରେସନ୍ କ୍ୟାସଲେସ୍ ହେବ । ଇ-ପେମେଂଟରେ ଅସୁବିଧା ହେଲେ ଡ୍ରାଫ୍ଟ ଏବଂ ଚେକ୍ ମଧ୍ୟ ପୈଠ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ପ୍ରକାଶ କରିଛନ୍ତି । ଭୁବନେଶ୍ୱରଠାରେ ଅନୁଷ୍ଠିତ ଅତିରିକ୍ତ ଜିଲ୍ଲାପାଳ ସମ୍ମିଳନୀ ବୈଠକରେ ସେ ଏହା ପ୍ରକାଶ କରିଛନ୍ତି ।

ରାଜସ୍ୱ ବିଭାଗ ତରଫରୁ ସର୍ବସାଧାରଣ ପ୍ରସଙ୍ଗ ଜଡ଼ିତ ସେବାଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯୋଗାଇ ଦେଇ ପାରିଲେ ଲୋକମାନେ ଉପକୃତ ହେବା ସହିତ ବିଭାଗ ଜନସାଧାରଣଙ୍କ ଆସ୍ଥା ଭାଜନ ହୋଇପାରିବ । ବକେୟା ଦାଖଲ-ଖାରଜ ଏବଂ ଜମିର କିସମ ପରିବର୍ତ୍ତନ ମାମଲାଗୁଡ଼ିକର ତୁରନ୍ତ ଫଇସଲା ନିମନ୍ତେ ପ୍ରତିମାସର ଦ୍ୱିତୀୟ ଶନିବାର ଓ ରବିବାର ଦିନ ରାଜସ୍ୱ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଲୋକ ଅଦାଲତର ଆୟୋଜନ କରାଯିବ । ପ୍ରତ୍ୟେକ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ମାସର ଏହି ଦିନଗୁଡ଼ିକରେ ସ୍ୱତନ୍ତ୍ର ଅଦାଲତ ଆୟୋଜନ କରି ଦାଖଲ ଖାରଜ ମାମଲାର ଫଇସଲା କରାଯିବାବେଳେ ତହସିଲ କାର୍ଯ୍ୟାଳୟରେ ଓ.ଏଲ୍.ଆର୍. ୮(ଏ) ମାମଲାର ଶୁଣାଣି କରାଯିବ ବୋଲି ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି ।

# ସ୍ୱାଇନ୍ ଫ୍ଲୁ

ରାଜ୍ୟରେ ସ୍ୱାଇନ୍ ଫ୍ଲୁର ପ୍ରଭାବ ଧୀରେ ଧୀରେ ବଢ଼ିବରେ ଲାଗିଛି । ଗତକାଲି ଏଥିରେ ଆକ୍ରାନ୍ତ ଜଣେ ମହିଳାଙ୍କ ମୃତ୍ୟୁ ସହ ସ୍ୱାଇନ୍ ଫ୍ଲୁରେ ମୃତ୍ୟୁ ସଂଖ୍ୟା ୧୯କୁ ବୃଦ୍ଧି ପାଇଛି । ସ୍ୱାଇନ୍ ଫ୍ଲୁରେ ଆକ୍ରାନ୍ତ ହୋଇ କଟକ ଏସ୍‌ସିବି ମେଡିକାଲ୍ କଲେଜ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଏହି ମହିଳାଙ୍କର ମୃତ୍ୟୁ ଘଟିଛି । କେବଳ ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ୫ଜଣଙ୍କ ମୃତ୍ୟୁ ହୋଇସାରିଲାଣି ।

ଅନ୍ୟ ପକ୍ଷରେ ବର୍ତ୍ତମାନ ସୁଦ୍ଧା ୬୪୯ଟି ସ୍ୱାବ ନମୁନା ପରୀକ୍ଷା କରାଯାଇଥିବାବେଳେ ସେଥି ମଧ୍ୟରୁ ୨୨୭ଟି ପଜିଟିଭ୍ ରହିଛି ।

# ଦୁର୍ଘଟଣା

ସମ୍ବଲପୁର ସ୍ଥିତ ୫୫ନଂ. ଜାତୀୟ ରାଜପଥ ଭବାନୀପାଲି ନିକଟରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପ୍ରତ୍ୟେକ ମୃତକଙ୍କ ପରିବାର ପାଇଁ ୨ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

ସୂଚନା ଯୋଗ୍ୟ ଗତକାଲି ଗୁଡ଼ିତଳାପଡ଼ା ଅଞ୍ଚଳର କିଛି ଲୋକ ହାତୀବାରୀ ନିକଟସ୍ଥ କନ୍ତେଶ୍ୱର ମହାଦେବଙ୍କ ଦର୍ଶନ ସାରି ଫେରିବାବେଳେ ସେମାନେ

ଆସୁଥିବା ଗାଡ଼ିକୁ ଏକ ଟ୍ରକ୍ ମୁହାଁମୁହିଁ ଧକ୍କା ଦେବାରୁ ୧୦ଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା ଏବଂ ଚାରିଜଣ ଆହତ ହୋଇଥିଲେ ।

## କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍

ପୁରୀ-ହରିଦ୍ୱାର କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ ସ୍ୱାଭାବିକ ଭାବେ ଚଳାଚଳ କରିବ । ଆଜିଠାରୁ ଏହି ଟ୍ରେନ୍ ପୁରୀରୁ ହରିଦ୍ୱାର ଯାତ୍ରା କରିବ । ଆସନ୍ତା ୨୫ତାରିଖରୁ ହରିଦ୍ୱାରରୁ ବାହାରିବ ବୋଲି ପୂର୍ବତଟ ରେଳବାଇ ସୂତ୍ରରୁ ପ୍ରକାଶ । ସୂଚନା ଯୋଗ୍ୟ ଗତ ୧୯ତାରିଖରେ ଉତ୍ତର ପ୍ରଦେଶର ଖଟୌଲିଠାରେ ଘଟିଥିବା ରେଳ ଦୁର୍ଘଟଣା ପରେ ଉଭୟପଟୁ ରେଳଚଳାଚଳ ବନ୍ଦ ରହିଥିଲା । ଏହି ଦୁର୍ଘଟଣାରେ ୨୨ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା ଏବଂ ୧୫୬ଜଣ ଆହତ ହୋଇଥିଲେ ।

## ମେଣ୍ଢା ମୃତ୍ୟୁ

ନିଆଳି ପରେ ନବରଙ୍ଗପୁର ଜିଲ୍ଲାରେ ଏବେ ମେଣ୍ଢା ମୃତ୍ୟୁ ଦେଖାଦେଇଛି । ଜିଲ୍ଲାର ଉମରକୋଟ ବ୍ଲକ୍‌ର ସୁନାବେଡ଼ା ଗ୍ରାମରେ ଅଜଣା ଜନ୍ତୁ ଆକ୍ରମଣରେ ୧୩ଟି ମେଣ୍ଢାର ମୃତ୍ୟୁ ହୋଇଛି । ଜଣକ ଗୁହାଳ ଘରେ ୧୫ଟି ମେଣ୍ଢା ଥିବାବେଳେ ୧୩ଟି ମେଣ୍ଢାର ମୃତ୍ୟୁ ଘଟିଥିବା ବେଳେ ୨ଟି ଗୁରୁତର ଆହତ ହୋଇଥିବା ଦେଖିବାକୁ ମିଳିଥିଲା । ପଶୁ ସମ୍ପଦ ଓ ଜଙ୍ଗଲ ବିଭାଗକୁ ଏହାର ତଦନ୍ତ ପାଇଁ ଦାବି ହୋଇଛି ।

## ଖେଳାଳି ଚୟନ

ଆସନ୍ତା ଅଗଷ୍ଟ ୨୫ତାରିଖଠାରୁ ଟାଙ୍ଗି ଡ୍ରିମ୍ସ ଖେଳ ପଡ଼ିଆରେ ଭାରତୀୟ କମ୍ପାନୀ କ୍ରୀଡ଼ା ମହାସଂଘ ଆୟୋଜନରେ ୪ଟି ବର୍ଗ ପାଇଁ ଜାତୀୟ ଖେଳାଳି ଚୟନ କରାଯିବ । ଫୁଟବଲ, ଭଲିବଲ, ନେଟବଲ ଓ କବାଡ଼ି ବିଭାଗରେ ଭାରତର ଖେଳାଳିମାନଙ୍କୁ ଚୟନ କରିବା ପାଇଁ ୪ଦିନ ଧରି ଡ୍ରିମ୍ସ ଖେଳପଡ଼ିଆରେ ପ୍ରତିଯୋଗିତା ହେବ ।

## ଧାରଣା

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତକାଲି ସନ୍ଧ୍ୟାରେ ୧୦୮ ଆମ୍ବୁଲାନ୍ସର କର୍ମଚାରୀମାନେ ଧାରଣା ଦେଇଥିଲେ । ବଲାଙ୍ଗୀର ୧୦୮ ଆମ୍ବୁଲାନ୍ସର ଏକ କର୍ମଚାରୀଙ୍କୁ ପୁଲିସ୍ ଗିରଫ୍ କରିବା ପ୍ରତିବାଦରେ ବଲାଙ୍ଗୀର ପରେ କଳାହାଣ୍ଡି ଜିଲ୍ଲାରେ ମଧ୍ୟ ୧୦୮ ଆମ୍ବୁଲାନ୍ସର କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ସନ୍ଧ୍ୟା ୫ଟାରୁ ଏହି ଆନ୍ଦୋଳନର ଡାକରା ଦେବା ଫଳରେ ରୋଗି ସେବା ବନ୍ଦ ହୋଇଯାଇଛି ।